# ତାଳଚେରରେ ପବିତ୍ରମୋହନ ମେଡିକାଲର ରୂପାନ୍ତରଣ ଦାବି

**ତାଳଚେର, ୮ ।୨(ସମିସ):**

ତାଳଚେର ପ୍ରେସ୍ କ୍ଲବଠାରେ ତାଳଚେର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଆବହାକ ପଦ୍ମଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ତାଳଚେର ପବିତ୍ର ମୋହନ ସରକାରୀ ମେଡିକାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଆବଶ୍ୟକ ପ୍ରଫେସର, ଅଭିଜ୍ଞ ଡାକ୍ତର, ପାରାମେଡିକାଲ୍ ଷ୍ଟାଫ୍ ଅନ୍ୟାନ୍ୟ ଯନ୍ତ୍ରପାତି ସହିତ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ସମସ୍ତ ଡାକ୍ତରଖାନାରୁ ରୋଗୀମାନଙ୍କୁ ଏଠାକୁ ରେଫର କରିବା ପାଇଁ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ ବୋଲି ବୈଠକରେ ଦାବି କରାଯାଇଥିଲା । ଦେଶର ସବୁଠାରୁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ ଯୋଗୁଁ ତାଳଚେର ଆଜି ସବୁଠାରୁ ଅଧିକ ପ୍ରଦୂଷିତ ହୋଇଛି । ଅଧିକ ପ୍ରଦୂଷଣ ଯୋଗୁଁ ଆଜି ତାଳଚେରରେ ବିଭିନ୍ନ ମାରାତ୍ମକ ରୋଗରେ ଲୋକମାନେ ଅକାଳ ମୃତ୍ୟୁବରଣ କରୁଛନ୍ତି । ତାଳଚେରବାସୀଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ବୈମାତୃତ ମନୋଭାବ ପରିହାର ନକଲେ ଆଗାମୀ ଦିନରେ ତାଳଚେରବାସୀ ତୀବ୍ରତର ଆନ୍ଦୋଳନ କରିବେ ବୋଲି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ତାଳଚେର ପୌର ପରିଷଦର ପୂର୍ବତନ ନଗରପାଳ କେଶବ ଭୂତିଆ, ଅଭୟ ପାଣି, ଆନନ୍ଦ ଆଚାର୍ଯ୍ୟ, ଚୈତନ୍ୟ ପ୍ରଧାନ, ପ୍ରହ୍ଲାଦ ସାହୁ, ଭୂପେନ୍ ଥମ୍ବ, ଉତ୍କଳ କେଶରୀ ସିଂ, ପ୍ରେମାନନ୍ଦ ମହାନ୍ତି, ଉଲ୍ଲାସ କୁମାର ମୁଦୁଲି, ପ୍ରଦୀପ ମହାଣା, ଶୌଭାଗିନୀ ଦାସ, ବଳରାମ କୁଣ୍ଡ, ନଖିଆ ସାହୁ, ସଂଜୀବ ନାଏକ, ସନ୍ତୋଷ ମହାପାତ୍ର, ପ୍ରଫୁଲ ନାଏକ, ଆର୍ତ୍ତତ୍ରାଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।



# ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଧିବେଶନ



**କିଶୋରନଗର, ୮।୨(ସମିସ):** ବୁଧବାର ଅପରାହ୍ନରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ମନଯୋର ସେଚ ପ୍ରକଳ୍ପ ବଙ୍ଗଳା ଠାରେ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିବେକାନନ୍ଦ ଭୋକ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ବିପିନ ବିହାରୀ ସାହୁ ବିବରଣୀ ପାଠ କରିଥିଲେ । ଏହାସହ ସଂଘର ଆଭିମୁଖ୍ୟକୁ ଭବାନୀ ମିଶ୍ର ଉପସ୍ଥାପନା କରିଥିଲେ । ଏହି ଅବସରରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୩ ଜଣ ବରିଷ୍ଠ ସଦସ୍ୟଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ, ହିମାଂଶୁ କୁମାର ପ୍ରଧାନ, ପବିତ୍ର ସାହୁ, ରାଜକିଶୋର ବିଶ୍ୱାଳ, ଜୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ବ୍ଲକ୍ ର ଶତାଧିକ ସଦସ୍ୟ ସାମିଲ ଥିଲେ । କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଦେବରାଜ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ପର୍ଯ୍ୟଟକମାନେ ଭୋଜିକରି ଅସନା କରିଥିବା ଅଞ୍ଚଳକୁ ସଂଘ ପକ୍ଷରୁ ସଫେଇ କରାଯାଇଥିଲା ।

# ପୁରୀ ପରିକ୍ରମା ପ୍ରକଳ୍ପରେ ତାଳଚେରର ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ତାଳଚେରସଦର, ୮।୨(ସମିସ):** ରାଜ୍ୟ ସରକାର ପକ୍ଷରୁ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ତାଳଚେର ପୌରାଞ୍ଚଳରୁ ନଗରପାଳ ପବିତ୍ର ଭୁତିଆଙ୍କ ନେତୃତ୍ୱରେ ଆଜି ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ତାଳଚେର ପୌରାଞ୍ଚଳର ୨୧ଟି ୱାର୍ଡରୁ ସକାଳ ୬ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଅନ୍ୟୁନ୍ୟ ୧୫ଟି ସ୍ୱତନ୍ତ୍ର ବସ୍ ଯୋଗେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଏଥିରେ ନଗରପାଳ ଶ୍ରୀ ଭୁତିଆ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ସବୁ ୱାର୍ଡରୁ ଆଗ୍ରହୀ ଶ୍ରଦ୍ଧାଳୁଙ୍କୁ ଜଗନ୍ନାଥ ଦର୍ଶନ କରାଇବା ପାଇଁ ପଦକ୍ଷେପ ନେଇଥିଲେ । ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ମଧ୍ୟ ଉପସ୍ଥିତ ରହି ପ୍ରତ୍ୟେକ ବସରେ ପୌର କର୍ମଚାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରି ଦାୟିତ୍ୱର ସହ ପୁରୀ ଜଗନ୍ନାଥ ଧାମକୁ ଯାଇଥିବା ଜଣାପଡ଼ିଛି । ତେବେ ସରକାରଙ୍କ ପକ୍ଷରୁ ଏହି ପରିକ୍ରମା ପ୍ରକଳ୍ପ ଜରିଆରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସାଧାରଣରେ ଖୁସି ଆଣିଦେଇଛି ।



# ପୂର୍ବତନ ସରିପଞ୍ଚଙ୍କ ପରଲୋକ



**ବଅଁରପାଳ, ୮।୨(ସମିସ):** ବଅଁରପାଳର ପୂର୍ବତନ ସରପଞ୍ଚ ଫକୀର ନାଏକଙ୍କ ଆଜି ବିୟୋଗ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ଗତକାଲି ରାତିରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା । ତାଙ୍କର ଏହି ଅକାଳ ବିୟୋଗ ଖବର ପାଇ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅଧିବକ୍ତା ଦୁଷ୍ମନ୍ତ ସେନାପତି, ପେରିଫେରୀ ଟ୍ରକ ମାଲିକ ସଙ୍ଘ ସଭାପତି ସୁବାସ ପଟ୍ଟନାୟକ, ଶ୍ରମିକ ନେତା ଭରତ ଚନ୍ଦ୍ର ମାଝି, ଯୁବନେତା ଅରୁଣାଭ ସିଂହ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଶ୍ରୀ ନାଏକ ପ୍ରଥମେ ୱାର୍ଡମେମ୍ବର, ଦୁଇଥର ସରପଞ୍ଚ ଏବଂ ଥରେ ଜିଲ୍ଲା ପରିଷଦ ସଭ୍ୟ ଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୮।୨(ସମିସ):** ସାପଘରା ପାଇକ ସାହି ଓ ଟାପ ଢୋଲ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ 'ଆମ ଓଡିଶା ନବୀନ ଓଡିଶା' ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ କି ପ୍ରତ୍ୟେକ ପଞ୍ଚାୟତରେ ବହୁ ଲୋକ ଭାଗ ନେଇଥିଲେ । ସାପ ଘରାରେ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ ପାଇକସାହିର ସରପଞ୍ଚ ନିରୋଜକାନ୍ତ ସାହୁ, ଟାପ ଢୋଲ ସରପଞ୍ଚ ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତି ପଞ୍ଚାୟତରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର, ଗୋଟିଏ ପୋଷଣ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମିଶନ ଶକ୍ତି, କୃଷି ଜଙ୍ଗଲ, ମତ୍ସ୍ୟ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କେନ୍ଦୁପତ୍ର ସାମାଜିକ ସୁରକ୍ଷା, ପଞ୍ଚାୟତିରାଜ ଇତ୍ୟାଦି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ । ବିଗତ ପାଞ୍ଚବର୍ଷରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧୀୟ ଏକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ସାପଘରାରେ ଚାରୋଟି, ପାଇକ ସାହିରେ ଏଗାରଟି, ଟାପ ଢୋଲରେ ଦୁଇଟି ଭିନ୍ନକ୍ଷମ ପରିଚୟପତ୍ର ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । ପାଇକ ସାହିରେ ମୋଟ ଚାରିଲକ୍ଷ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପାଞ୍ଚଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିଲା । ପାଞ୍ଚଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ପଚିଶ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ସାପଘରାରେ ମୋଟ ଦୁଇଲକ୍ଷ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିଲା । ଦଶଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ପଚାଶ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ଟାପଢୋଲରେ ମୋଟ ଚାରି ଲକ୍ଷ ଟଙ୍କାରର ଗୋଷ୍ଠୀ ବିନିଯୋଗ ପାଣ୍ଠି ଚାରିଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ପଚିଶ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ଏହା ଛଡା ବିଭିନ୍ନ କ୍ଷେତ୍ରରେ ଉଲେଖନିୟ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ

**କଣିହାଁ, ୮।୨(ସମିସ):** ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁର ବାର୍ଷିକ ଉତ୍ସବ ତଥା ୧୧୭ ତମ ଜୟନ୍ତୀ ଉତ୍ସବ ବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜେଆଇଟିପିଏଲ୍, ଡେରଙ୍ଗ ଜିନ୍ଦଲର ଉପସଭାପତି ସୁରେଶ କୁମାର ବଂଶଲ୍, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାଜକିଶୋର ସାହୁ ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା ଆଲୁମିନି ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିବୃନ୍ଦ ବିଦ୍ୟାଳୟ ପରିସରସ୍ଥ ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟବକ୍ତା ପବିତ୍ର ମୋହନଙ୍କୁ ତାଳଚେରର ସୁଭାଷ ବୋଷ ବୋଲି ଅଭିହିତ କରି ଛାତ୍ର ଛାତ୍ରୀ ମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ । ପ୍ଲାଟିନୁମ୍ ଜୁବଲି ପାଳନ ପୂର୍ବରୁ ବିଦ୍ୟାଳୟ ପାଇଁ ଆଉ ପାଞ୍ଚୋଟି ଶ୍ରେଣୀ କକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଜିନ୍ଦଲ ଖୁବଶୀଘ୍ର ନିର୍ମାଣ କରିବା ପାଇଁ ମୁଖ୍ୟ ଅତିଥି ଘୋଷଣା କରିଥିଲେ । ବିଦ୍ୟାଳୟର ବାର୍ଷିକ ମୁଖପତ୍ର, 'ପବିତ୍ର ଲିପି'କୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ର ପାରଦର୍ଶିତା ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା । ଶିକ୍ଷକ ସିଦ୍ଧିପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀ ହଂଶିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ଶିକ୍ଷକ ଭୀମସେନ ସାମଲ, ଅମିତା ଦେହୁରୀ, ଜସ୍ମିନୀ ପ୍ରଧାନ, ଦେବାଶିଷ ହୋତା, ଚୌଧୁରୀ ସୁନା, ମିସ ଜଗାଶ୍ରିତା ସାହୁ, ପ୍ରଶାନ୍ତ କୁମାର ବେହେରା, ଦୀପକ ମଲ୍ଲିକ, ବିନାୟକ ପ୍ରଧାନ, ସନ୍ତୋସିନୀ ସାହୁ, ଗୋଦାବରୀ ଗଡ଼ନାୟକ, ବୀଣାପାଣି ସାହୁ, ଶୁଭଶ୍ରୀ ନାୟକ, ଇନ୍ଦ୍ରଜିତ ପ୍ରଧାନ, ବଟକୃଷ୍ଣ ସାହୁ ଓ ଶୁକ୍ରୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଦ୍ୟାଳୟକୁ ଉଲ୍ଲେଖନୀୟ ସହଯୋଗ ପାଇଁ କଂସମୁଣ୍ଡାର ପ୍ରାକ୍ତନ ଛାତ୍ର ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କୁ ଅତିଥିବୃନ୍ଦ ସମ୍ମାନିତ କରିଥିଲେ ।



# ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, ୮।୨(ସମିସ) : ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ଦୃଢ଼କରିବା ଲକ୍ଷ୍ୟରେ ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତରଙ୍କ ନିର୍ଦ୍ଦେଶକ୍ରମେ ଏଣିକି ପ୍ରତି ସୋମବାର ଜିଲ୍ଲାର ପ୍ରତି ବ୍ଲକର ଗୋଟିଏ ଗୋଟିଏ ଗ୍ରାମ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଆୟୋଜିତ ହେବ । ଯେଉଁ ବ୍ଲକରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ, ସେହିସବୁ ବ୍ଲକରେ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଆୟୋଜିତ ହେବ । ଏହି ଅଭିଯୋଗ ଶୁଣାଣିରେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଓ ଗ୍ରାମପଞ୍ଚାୟତ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବେ । ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ଲିଖିତ ଅଭିଯୋଗ ସହ ମୌଖିକ ଅଭିଯୋଗ ମଧ୍ୟ ଗ୍ରହଣ କରାଯିବ । ଏହି ଶିବିରରେ ସମସ୍ତ ସରକାରୀଯୋଜନା ଗୁଡିକର ଆବେଦନ ପତ୍ର ମଧ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ରହିବ । ବିଭିନ୍ନ ସରକାରୀ ଯୋଜନା ଯଥା ସ୍ୱଚ୍ଛ ଭାରତ ଓ ବର୍ଜ୍ୟବସ୍ତୁ ପରିଚାଳନା, ବାଲ୍ୟ ବିବାହ ପ୍ରତିରୋଧ, ମିଶନ ଶକ୍ତି, କୃଷି, ସ୍ୱାସ୍ଥ୍ୟ ଇତ୍ୟାଦିର ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ଅଭିଯୋଗ ଶୁଣାଣି ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ଥାନୀୟ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ପାନୀୟ ଜଳପ୍ରକଳ୍ପ ଇତ୍ୟାଦିର ପରିଦର୍ଶନ କରି ସମସ୍ୟାର ସମାଧାନ କରିବେ । ସେହିପରି ଜିଲ୍ଲା କାର୍ଯ୍ୟାଳୟଠାରେ ପ୍ରତି ସୋମବାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ।

# କଳମଛୁଇଁରେ ଗୀତା ମହାଯଜ୍ଞ



**ତାଳଚେର, ୮ ।୨(ସମିସ):** ତାଳଚେର ବ୍ଲକ୍ କଳମଛୁଇଁ ଗ୍ରାମ ଅନ୍ତର୍ଗତ ବୁଢ଼ାବୁରୀ ସାହିରେ ଗୀତା ମହାଯଜ୍ଞ ସମାରୋହରେ ପାଳିତ ହୋଇଯାଇଛି । ପଣ୍ଡିତ ଟଙ୍କଧର ଶତପଥୀଙ୍କ ପୌରୋହିତ୍ୟରେ ହୃଦୟ କୁମାର ଶତପଥୀ, ସନ୍ତୋଷ ତ୍ରିପାଠୀ, ସୁଶାନ୍ତ ଶତପଥୀ ପ୍ରମୁଖ ସୂର୍ଯ୍ୟ ପୂଜା, ପଞ୍ଚକର୍ମ, ମହାମୃତ୍ୟୁଞ୍ଜୟ ଜପ ସହ ସଂପୂର୍ଣ୍ଣ ଗୀତା ପାଠ ଇତ୍ୟାଦି କାର୍ଯ୍ୟକ୍ରମ ଶାସ୍ତ୍ରାନୁମୋଦିତ ବିଧିବିଧାନ ଅନୁଯାୟୀ ସଂପନ୍ନ କରିଥିଲେ । ଯଜ୍ଞକର୍ତ୍ତା ଭାବରେ ଆନନ୍ଦ ପ୍ରଧାନ, ବନମାଳୀ ଦାସ ଓ ଗୋପାଳ ସାହୁ ଦାୟିତ୍ୱ ତୁଲାଇଥିଲେ । ଜରଡ଼ା, କଳମଛୁଇଁ ମଝି ସାହି ଓ ବାଉଁଶଗାଡ଼ିଆ ସାହିର ନଦିଆଁ ସଂକୀର୍ତ୍ତନ ସହ ଦେନାଳୀ, କୁଲେଇ ଓ କଟରାପଡ଼ା ଗ୍ରାମର ମହିଳା ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ । ପୂର୍ଣ୍ଣାହୂତି ପରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ । ସାହି ବେହେରା ଲୋଚନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**କିଶୋରନଗର, ୮।୨(ସମିସ):** କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଧଡ଼ରପାଳ, ଝରାବେରଣୀ ଓ କଟରଙ୍ଗା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଝରାବେରଣୀରେ ସ୍ଥାନୀୟ ସରପଞ୍ଚଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏ ବିଡିଓ ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ସଚେତନ କରାଇଥିଲେ । ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ ।

# ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ

**ପବିତ୍ରନଗର, ୮।୨(ସମିସ):**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରନଗର ଠାରେ ଗୁରୁବାର ପବିତ୍ର ମୋହନ ମେମୋରିଆଲ ଫାଉଣ୍ଡେସନ ତରଫରୁ ବିପ୍ଳବୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସଦାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ରବିନ୍ଦ୍ର ଗଡ଼ନାୟକ, ସରକାରୀ ଏମଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମୀରାରାଣୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ମହେଶ୍ୱର ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ । କମିଟି ସମ୍ପାଦକ ଲମ୍ବୋଦର ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଦେବଦତ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଏମଇ ସ୍କୁଲ, ହାଇସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଗହଣରେ ଶୋଭାଯାତ୍ରାରେ ଅତିଥିମାନେ ବଜାର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ଷ୍ଟାଡିୟମରେ ପବିତ୍ର ପ୍ରଧାନଙ୍କ ସମାଧି ପୀଠ ସ୍ଥଳରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଭାସ୍ଥଳରେ ପହଞ୍ଚିଥିଲେ । ପ୍ରଦୀପ ପ୍ରଜ୍ୱଳନ ସହିତ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହାପରେ ସମସ୍ତ ମଞ୍ଚାସୀନ ଅତିଥିମାନେ ପବିତ୍ରମୋହନ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଉପରେ ବକ୍ତବ୍ୟ ରଖିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । କମିଟିର କୋଷାଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ଅଞ୍ଚଳର କିଛି ବୃଦ୍ଧବୃଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ କବିତା ପାଠ ଓ ପାଲା ପରିବେଷଣ କରାଯାଇଥିଲା ।



# ତାଳଚେର ପୌରାଞ୍ଚଳରେ ମଶା ଉପଦ୍ରବ ବୃଦ୍ଧି; ପ୍ରଶାସନ ନିରବ



**ତାଳଚେର, ୮ ।୨(ସମିସ):**

ତାଳଚେର ୨୧ଟି ୱାର୍ଡକୁ ନେଇ ତାଳଚେର ପୌର ପରିଷଦ ଗଠିତ ହୋଇଥିବା ବେଳେ ପୌର ପରିଷଦ ପକ୍ଷରୁ ଏହି ୱାର୍ଡଗୁଡ଼ିକୁ ସଠିକ୍ ଭାବେ ଦୃଷ୍ଟି ଦେଉନଥିବାରୁ ପୌରାଞ୍ଚଳରେ ମଶାଙ୍କ ଉପଦ୍ରବ ନାହିଁ ନଥିବା ବୃଦ୍ଧି ପାଇବାରେ ଲାଗିଛି । ପୌର ପରିଷଦର ମୁଖ୍ୟରାସ୍ତା ବାଇପାସ୍ ଟ୍ରାଫିକ ଛକ ଜାତୀୟ ରାଜପଥରେ କୁଡ଼କୁଡ଼ ଅଳିଆ ସମତେ ପୌର ଅଧୀନରେ ରହିଥିବା ବିଭିନ୍ନ ରାସ୍ତାରେ ଆବର୍ଜନା ଜମାହେବା ଓ ଡ୍ରେନଗୁଡ଼ିକ ନିୟମିତ ଭାବେ ପରିଷ୍କାର କରାଯାଉ ନଥିବାରୁ ମଶାଙ୍କ ବଂଶ ବିସ୍ତାର ହେବା ସହ ଦୁର୍ଗନ୍ଧରେ ପରିବେଶ ପ୍ରଦୂଷିତ ହେଉଛି । ହେଲେ ଏହାର ପ୍ରତିକାର ହେଉନଥିବାରୁ କେବଳ ରାତିରେ ନୁହେଁ ଦିନବେଳା ମଧ୍ୟ ମଶାଙ୍କ ଉତ୍ପାତରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି । ସରକାରଙ୍କ ପକ୍ଷରୁ ଆସୁଥିବା ବ୍ଲିଚିଂ, ମଶାତେଲ, ନିୟମିତ ଡ୍ରେନ ଗୁଡ଼ିକରେ ପଡୁ ନାହିଁ, ମନେ ପଡ଼ିଲେ ରାସ୍ତା ଉପରେ କେଉଁଦିନ କେମିତି ମଶାଧୂଆଁ ଗାଡ଼ି ପୌର ପରିଷଦ ପକ୍ଷରୁ ବୁଲାଇ ବାହବାହା ନେଉଥିବା ଭଳି ମନେ ହେଉଛି । ପୌର ପରିଷଦର କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କେବଳ କାଗଜ କଲମ ମାଧ୍ୟମରେ ଏହାକୁ ଦର୍ଶାଇ ବେଶ ହାତ ଚିକଣ କରୁଥିବା କୁହାଯାଉଥିବା ବେଳେ ଅନ୍ତେବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏପରିକି, ୱାର୍ଡ଼ - ୧ ଓ ୨ନମ୍ବର ୱାର୍ଡ଼ ମଧ୍ୟଭାଗରେ ରହିଥିବା ମୁଖ୍ୟ ଡ୍ରେନଟି ନର୍କକୁଣ୍ଡ ସାଜିଥିବା ବେଳେ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି । ଏତିକି ନୁହେଁ ଖୋଦ୍ ଏକ ନମ୍ବର ୱାର୍ଡ଼ କାଉନସିଲରଙ୍କ ଘର ସାମ୍ନା ରାସ୍ତାରେ ନଥିବାରୁ ଆବର୍ଜନା ପାଣି ସୁଅ ଛୁଟି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେଉଥିଲେ ମଧ୍ୟ କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଉନାହାନ୍ତି । ଘର ଟିକସ ୮ ଗୁଣା ବୃଦ୍ଧି ପାଇଥିଲେ ମଧ୍ୟ ତାଳଚେର ପୌର ପରିଷଦ ଅଂଚଳକୁ କେବେ ପରିଷ୍କାର ପରିଚ୍ଛିନ୍ନ ରଖାଯିବ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଠିଛି ପ୍ରଶ୍ନ ? ଏଥିପ୍ରତି ସ୍ଥାନୀୟ ଉପଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି ।




ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ

ନାମଲେଖା ବିଜ୍ଞାପନ- ୨୦୨୪-୨୫

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ । ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ । ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।

ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ ।

ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୭୨୫୦୦୩, ୯୦୩୯୩୬୭୭୦୮

**ସ୍ୱାବଲମ୍ବୀ କରିଛି ବରକୋଳି ଚାଷ**

# ୟୁଟ୍ୟୁବ୍ ଦେଖାଇଲା ରୋଜଗାରର ବାଟ





କେନ୍ଦ୍ରାପଡ଼ା, ୮।୨(ସମିସ): ଚାଷରେ ଯେତିକି ଖର୍ଚ୍ଚ ହେଉଛି ସେତିକି ଲାଭ ହେଉନଥିବା ଅଭିଯୋଗ ହେଉଛି। ତେଣୁ ଅନେକ ଶିକ୍ଷିତ ଯୁବକ ଚାଷ ପ୍ରତି ବିମୁଖ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ଚାଷରେ ଭଲ ଦି ପଇସା ରୋଜଗାରର ବ୍ୟବସ୍ଥା ରହିଥିବା ନେଇ ଦୁଇ ଭାଇ ପ୍ରମାଣିତ କରିଛନ୍ତି। ନିଜେ ଚାଷ କରିବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗାଁରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଦେବାଶିଷ ଯେନା ଓ ଦୈତାରୀ ଯେନା ନାମକ ଦୁଇଭାଇ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ଦେଇପାରୁଛନ୍ତି। ମାଟ୍ରିକ ପାସ କରି ଚାକିରୀ କରିବା ପାଇଁ ପ୍ରୟାସ କରି ବିଫଳ ହେବା ପରେ ଚାଷକୁ ଆଦରି ନେଇଥିଲେ। ଦୁଇଭାଇ ଏବେ ଚାଷ କରି ବେଶ ଖୁସିଥିବା କହିଛନ୍ତି। ଚାଷ କରିବା ପୂର୍ବରୁ ଘରେବସି ମୋବାଇଲରେ ୟୁଟ୍ୟୁବ୍ ମାଧ୍ୟମରେ ଥାଇଲାଣ୍ଡ ଆପେଲ ବରିକୋଳି ନାମକ ଏକ କୋଳି ଚାଷ ଦେଖି ନିଜ ବାଡିରେ ଚାଷ କରିଛନ୍ତି। ପ୍ରଥମେ ୨୦୨୨ରେ କଟକ ଜିଲ୍ଲା ନିଆଳି ଅଞ୍ଚଳରୁ ୧୦୦ଟି ଥାଇଲାଣ୍ଡ ବରକୋଳି ଗଛର ଚାରା ପ୍ରତି ୧୦୦ ଟଙ୍କା ଖର୍ଚ୍ଚରେ ୧୦ ହଜାର ଟଙ୍କାରେ ଆଣି ୫ଗୁଣ୍ଠ ଜମିରେ ହାରାହାରି ୧୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ମୋଟ ୨୫ ହଜାର ଟଙ୍କା ଖର୍ଚ୍ଚ କରି ଏହି ଚାଷ ଆରମ୍ଭ କରିଥିଲେ। ସେହିବର୍ଷ ଏହି ୧୦୦ଟି ଗଛ ତାଙ୍କୁ ଏକଲକ୍ଷ ଟଙ୍କାର ରୋଜଗାର ଦେଇଥିବା ନେଇ ଦେବାଶିଷ ଯେନା କହିଛନ୍ତି। ଦେବାଶିଷ ଓ ଦୈତାରୀ ଦୁଇଭାଇ ଯେଉଁଥିରେ ଏବେ ପ୍ରତ୍ୟେକ ଗଛରେ ୧୦ କେଜିରୁ ଅଧିକ ଫଳ ଫଳୁଥିବା ଦେଖିବାକୁ ମିଳୁଛି। ଏହି ଥାଇଲାଣ୍ଡ ଆପେଲ କୋଳି ଗୋଟିଏ ଗଛରୁ ପ୍ରଥମ ବର୍ଷ ଏକ କ୍ୟୁଣ୍ଟାଲରୁ ଅଧିକ କୋଳି ଫଳୁଛି।ତେବେ ଦ୍ୱିତୀୟ ବର୍ଷ ୪ରୁ ୫ କ୍ୟୁଣ୍ଟାଲଏବଂ ତୃତୀୟବର୍ଷ ୧୦ କ୍ୟୁଣ୍ଟାଲରୁ ଅଧିକ ଫଳ ଫଳିବ ବୋଲି ଦେବାଶିଷ କହିଛନ୍ତି। ଏହି ଥାଇଲାଣ୍ଡ ଆପେଲ ଚାଷରେ ଥରେ ମାତ୍ର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହି କୋଳି ଗଛରୁ କମଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବ ବୋଲି ଦୈତାରୀ କହିଛନ୍ତି। ଋତୁ ଅନୁଯାୟୀ ପନିପରିବା ଚାଷ କରୁଥିବା ଏହି ଦୁଇଭାଇ କାକୁଡି, କଲରା, ପୋଟଳ, ଟମାଟର, କୋବି, ବାଇଗଣ ଆଦି ଚାଷ କରି ବର୍ଷର ଭିନ୍ନଭିନ୍ନ ସମୟରେ ବିକ୍ରୀ କରିଥାନ୍ତି। କେବଳ ସେତିକି ନୁହେଁ ବର୍ତ୍ତମାନ ସମୟରେ ରାସାୟନିକ ସାର ପ୍ରୟୋଗର ବ୍ୟବହାର ନକରି କେବଳ ଜୈବିକ ଖତ ଯେପରିକି ଗୋବର, ପିଡ଼ିଆ, କୁକୁଡ଼ା ଫାର୍ମରୁ ବାହାରୁଥିବା ବର୍ଜ୍ୟ ସାମଗ୍ରୀକୁ ନେଇ ଚାଷ ଜମିରେ ଉତ୍ପାଦନ ବଢ଼ାଇଛନ୍ତି। ଅନ୍ୟପଟେ ଏହି ଥାଇଲାଣ୍ଡ କୋଳି ଚାଷ ଯୋଗୁଁ ଗାଁ ଓ ପାଖ ଗାଁ ଲୋକେ ପ୍ରତିଦିନ ଏହାକୁ ଦେଖିବାକୁ ଆସୁଥିବା ବେଳେ ଡେରାବିଶ୍ ବ୍ଲକରେ ଏହି ଚାଷ ପ୍ରଥମ ବୋଲି କୁହାଯାଉଛି। ବଜାର ଅପେକ୍ଷା ଖୁବ କମ ଦରରେ ଏହି କୋଳି ବିକ୍ରି ହେଉଥିବାରୁ ନୋଳସାହି ଗାଁରେ ଏବେ ଲୋକଙ୍କ ଭିଡ଼ ଜମୁଛି।ବିନା ପ୍ରଶାସନିକ ସହାୟତା ଓ ସହଯୋଗରେ ଏହି ଦୁଇଭାଇ ଚାଷ କାମ କରି ନିଜେ ପ୍ରତିପୋଷଣ ହୋଇ ଅନ୍ୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଥିବାରୁ ଦାଦନ ଖଟି ଯାଉଥିବା ଯୁବବର୍ଗମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଯୁବପିଢ଼ି ଦାଦନ କିମ୍ବା ଅନ୍ୟ ବାଟରେ ନ ଯାଇ ଚାଷ ପ୍ରତି ଧ୍ୟାନଦେଲେ ଭଲ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଦୈତାରୀ କହିଛନ୍ତି।

# ଜଳିଗଲା ୬ ବଖରା ଘର



ଆଳି, ୮।୨(ସମିସ): ଆଳି ତହସିଲ ଅନ୍ତର୍ଗତ ଦଶିପୁର ଗ୍ରାମରେ ଗତ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୬ଟି ଘର ଜଳିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ସହିତ ଦମକଳକୁ ଖବର ଦେଇଥିଲେ ମାତ୍ର ଦମକଳ ସଠିକ ସମୟରେ ନ ପହଞ୍ଚିବାରୁ ଲୋକମାନଙ୍କ ଚେଷ୍ଟାରେ ନିଆଁ ଲିଭିଥିଲା। ସୂଚନା ଅନୁଯାୟୀ ଦଶିପୁର ଗ୍ରାମର ଗୁରୁ ମଳିକ, ମାତା ମଳିକ, ମାଳତୀ ମଳିକ, ରାଜଶ୍ରୀ ମଳିକ, ଚାନ୍ଦିନୀ ମଳିକ ଓ ଇଶ୍ୱର ମଳିକଙ୍କ ପରିବାର ଲୋକ ଗତ ବୁଧବାର ରାତିରେ ଘରେ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ୧୧.୩୦ ସମୟରେ ହଠାତ ଘରେ ନିଆଁ ଲାଗି ଯାଇଥିଲା। ଧୀରେ ଧୀରେ ନିଆଁ ଗୋଟିଏ ପରେ ଗୋଟିଏ ଘରକୁ ଜାଳି ଦେଇଥିଲା। ଗ୍ରାମବାସୀ ନିଆଁ ଲିଭାଇ ବାକୁ ଉଦ୍ୟମ କରିବା ସହିତ ଦମକଳକୁ ଖବର ଡେଇଥିଲେ।ମାତ୍ର ଠିକ ସମୟରେ ଦମକଳ ଘଟଣା ସ୍ଥଳରେ ନପହଞ୍ଚିବାରୁ ୬ବଖରା ଘର ଜଳି ଯାଇଛି।ଏହି ଅଗ୍ନିକାଣ୍ଡପରେ ଅଗ୍ନିବିପନ୍ନଙ୍କ ନିକଟରେ ପିନ୍ଧା ବସ୍ତ୍ର ବ୍ୟତୀତ ଅନ୍ୟ କିଛି ନାହିଁ। ନିଆଁରେ ଘରର ଆସବାବପତ୍ର, ଧାନ, ଚାଉଳ, ଜରୁରୀ କାଗଜପତ୍ର ସବୁକିଛି ଜଳି ଯାଇଛି। ଖବର ପାଇ ଗୁରୁବାର ସକାଳେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି ପ୍ରମୁଖ ଅଗ୍ନିବିପନ୍ନ ମାନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ଆସବାବପତ୍ର ଓ କିଛି ଅର୍ଥ ରାଶି ପ୍ରଦାନ କରିବା ସହିତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ସହଯୋଗର ହାତ ବଢ଼ାଇଛନ୍ତି।ଆଳି ତହସିଲ ପକ୍ଷରୁ ପାଲ ଯୋଗାଇ ଦିଆ ଯାଇଥିବା ଜଣାପଡ଼ିଛି। ବିପନ୍ନ ପରିବାର ଗୁଡିକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଂସାର ପଞ୍ଚାୟତରେ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୮।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ହଳଦିଢିଅଠାରୁ କାଙ୍କଦିଆ କେନାଲ ପର୍ଯ୍ୟନ୍ତ ରାସ୍ତା ପାଶ୍ୱରେ ଆଲୋକି କରଣ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କଂସାର ଗ୍ରାମମପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ ଅତିଥିର ଭାବରେ ଯୋଗଦେଇ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ସମିତି ସଭ୍ୟ ସରୋଜ ରଞ୍ଜନ ଜେନା, ୱାର୍ଡ ସଭ୍ୟ ଗଜେନ୍ଦ୍ର ପରିଡ଼ା, ନିତ୍ୟାନନ୍ଦ ମହାନ୍ତି, ପଦନ ବେହେରା, ମନୋଜ ନାୟକ, ପରମାନନ୍ଦ ରାଉତ, ପ୍ରଦିପ ପରିଡ଼ା, ଗଣେଷ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେଶ୍ୱର ପ୍ରଧାନ, ଚିନ୍ମୟୀ ସାହୁ, ଅମ୍ବିକା ପ୍ରସାଦ ପରିଡ଼ା, ରବୀନ୍ଦ୍ରନାଥ ପଣ୍ଡା, ସୁମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ଅଣଓସାରିଆ ରାସ୍ତାକୁ ଚଉଡ଼ା କରିବା ପାଇଁ ଗ୍ରାମବାସୀଙ୍କ ଦାବି

ପଞ୍ଚୁପାଣ୍ଡବ, ୮।୨ (ସମିସ) : ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ବାଜରଠାରେ ଦୈନିକ ଗାଡ଼ି ମୋଟର ଜାମ ହେବାରୁ ରାସ୍ତାରେ ଯାଉଥିବା ଲୋକେ ହଇରାଣ ହେଉଛନ୍ତି। ଏହି ବଜାରଠାରେ ଥିବା ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଲାମାନେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ପ୍ରତିଦିନ ଗାଡ଼ିମୋଟର ଏତେ ଜାମ ହେଉଛି ଯେ ଗୋଟିଏ



ଆମ୍ବୁଲାନ୍ସ ଆସିଲେ ତାକୁବି ଘଣ୍ଟା ଘଣ୍ଟା ଫସିବାକୁ ପଡ଼ିବ। ଏହି ବାଟ ଦେଇ ଯାଉଥିବା ମାଟି ବୋହୁଥିବା ହାଇୱା, ମିଲ୍‌କୁ ଆସୁଥିବା ଧାନ ଓ ଚାଉଳର ଗାଡ଼ି, ବାଲି ବୋଝେଇ ଟ୍ରାକ୍ଟର ଓ ଅନ୍ୟ ଗାଡ଼ି ଆସୁଥିବା ଗାଡ଼ିବାଲାଙ୍କୁ କଟକଣା କରାଯାଉ। ନଚେତ ରାସ୍ତାକୁ ଅବରୋଧ ମୁକ୍ତ ପାଇଁ ରାସ୍ତାକୁ ଓସାର କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୮।୨(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳ ରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟଗାର୍ଡ ମଦନ ମୋହନ ହାଂସଦାଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଅଗରନାସୀ ନିକଟରେ ଅଚିନ୍ତା ସାଗର ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ତପନ ଜେନା, ନିମାଇଁ ଦାସ, ବଳରାମ କମିଲା, ନାରାୟଣ ଜାନା, ମକର ଦାସ, ଚନ୍ଦ୍ର କାନ୍ତ ମଣ୍ଡଳ, ଶିବ ଶଙ୍କର ମଣ୍ଡଳ ପ୍ରମୁଖ ୧୧ ଜଣ ମତ୍ସ୍ୟଜୀବୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜବତ ଟ୍ରଲରରୁ ୩୨ କ୍ୟୁଣ୍ଟାଲ ମାଛ, ୧ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସ ଫାଇଣ୍ଡର ଓ ୧୨ଟି ଟ୍ରଲିଂ ଜାଲ ଜବତ କରାଯାଇଛି।

## ଅଗ୍ନିକାଣ୍ଡ: ଦୁଇ ବଖରା ଜଳିଗଲା

ରାଜକନିକା, ୮।୨(ସମିସ): ରାଜକନିକା ଥାନାନ୍ତର୍ଗତ ବରୁଣାଡିହା ଗାଁରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳ ଘର ସମ୍ପୂର୍ଣ ଜଳିଯାଇଛି। ଆଜି ରାତି ୮ ଟା ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଧୋଇରାମ ନାୟକ ଓ ନିରଞ୍ଜନ ନାୟକଙ୍କ ଦୁଇ ବଖରା ଚାଳ ଘର ଜଳିଯାଇଛି। ଗାଁ ଲୋକେ ନିଆଁକୁ ଆୟତ କରିବା ପରେ ଦମକଳ ପହଞ୍ଚିଥିଲା। ବରୁଣାଡିହା ମଝିସାହିର ଦୁଇ ଅସହାୟ ପରିବାରର ସମସ୍ତ ଆସବାବପତ୍ର ଧାନ, ଚାଉଳ, ଲୁଗାପଟା ପୋଡି ଯାଇଥିବାରୁ ସରକାରୀ ସାହାଯ୍ୟ ଦାବି ହୋଇଛି।

## ପୃଥକ୍ ଦୁର୍ଘଟଣାରେ ଜଣେ ଆହତ

ପଞ୍ଚୁପାଣ୍ଡବ, ୮।୨ (ସମିସ): ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଦଣ୍ଡ ଜୋରିମାନା କଲା ସତେବବି ଗାଡ଼ି ଚାଳକମାନେ ଚେତୁ ନାହାଁନ୍ତି। ଦିନକୁ ଦିନ ଏମିତି ହେଲାଣି ଯେ ରାସ୍ତାଘାଟରେ ଲୋକେ ଯିବା ଆସିବା ପାଇଁ ମନରେ ଭୟ ସୃଷ୍ଟି କଲେଣି। ବୁଧବାର ରାତି ୮ଟା ସମୟରେ ପଞ୍ଚୁପାଣ୍ଡବକୁ କୌଣସି କାମରେ ଆସୁଥିବା ଦୁଇଜଣ ଯୁବକଙ୍କୁ ଅଜଣା ବାଇକ୍ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଏହି ଦୁର୍ଘଟଣାରେ ଅଳ୍ପକେ ବର୍ତି ଯାଇଥିଲେ ଯାଜପୁର ଜିଲ୍ଲା ବନ୍ଦରେଶ୍ୱରର ଗୋପିନାଥ ନାୟକ। ସେହିଭଳି ପିଚୁ ଲୋଡ଼କରି ଆସୁଥିବା ହାଇୱା ଲକ୍ଷ୍ମୀନାରାୟଣପୁର ବେଲାରପୁର ରାସ୍ତାରେ ଲେଉଟି ପଡ଼ିଥିଲା। ଓଲଢ଼ିରୁ ବେଣିପୁର ପର୍ଯ୍ୟନ୍ତ ପିଚୁ କାମ ଚାଲୁଥିବାରୁ ଦିନ ୧୨ଟା ବେଳେ ପିଚୁ ଲୋଡ଼ କରି ଆସୁଥିବା ହାଇୱା ଗାଡ଼ିଟି ଲେଉଟି ପଡ଼ିଥିଲା। ଏଥିରେ ହାଇୱା ଚାଳକ ଜଣକ ଆହାତ ହୋଇଥିବା ସୂଚନା ମିଳିଛି। ସେହିପରି ବେଣିପୁରରୁ ଆସୁଥିବା ଏକ ସୁଇଟ ଡିଜାୟାର କାରରେ ମେଡ଼ିକାଲ୍ ଯାଉଥିବା ସମୟରେ ଡେରାକେଶପୁର ଠାରେ ଏକ ଟ୍ରକ ପଥରଅନଲୋଡ଼ କରି ଫେରୁଥିବା ସମୟରେ କାରରେ ଘସି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

## ବ୍ରାହ୍ମଣୀ ନଦୀକୁ ଡେଇଁ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ, ୮।୨(ସମିସ): ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଡେଇଁ ଜଣେ ଅଚିହ୍ନା ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ କର୍ମଚାରୀ ବୋଟ୍ ସାହାଯ୍ୟରେ ନଦୀ ମଧ୍ୟରେ ପ୍ରବେଶ କରି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କ କୌଣସି ପତ୍ତା ପାଇ ନ ଥିଲେ।

## ୧୯୯୪ ମସିହା ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ମାର୍ଶାଘାଇ,୮।୨(ସମିସ): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୪ମସିହା ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀ ଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଧଉଳି ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସୌମ୍ୟ ରଞ୍ଜନ ନାୟକ, ଛାତ୍ରୀ ସଙ୍ଗୀତା ବସନ୍ତିଆ, ଉମାଶଙ୍କର ସ୍ୱାଇଁ, ଲୋପାମୁଦ୍ରା ସ୍ୱାଇଁ, ଲତିକାରାଣୀ ପ୍ରଧାନ, ପ୍ରଦ୍ୟୁମ୍ନ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ମହାପାତ୍ର, ରେଜିଆ ମଲ୍ଲ, ପ୍ରଭାତ ବସନ୍ତିଆ, ପ୍ରଦୀପ୍ତ ବେହେରା, ସୁନୀଲ ସିଂ, ଦେବୀ ପ୍ରସାଦ ରଥ, ସଂଘମିତ୍ରା ଦାସ, ମଧୁମିତା ମଲ୍ଲ, ହରେକୃଷ୍ଣ, ସ୍ୱା।ଗତିକା ପରିଡ଼ା, ବନ୍ଦନା ମହାନ୍ତି, ନିରଞ୍ଜନ ଲେଙ୍କା, ପ୍ରମୋଦ ନାୟକ, ତ୍ରିଲୋଚନ ବେହେରା, ଦେବାଶିଷ ମୋହାପାତ୍ର, ରଶ୍ମି ରଞ୍ଜନ ସାହୁ, ନିର୍ମଳ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଉମାକାନ୍ତ ରାଉତ, ସବିତା, ଲୋଭାରାଣୀ, ବସନ୍ତ ଓଝା, ସରୋଜିନୀ ସାମଲ, ରଚିତା ସାମଲ, କୁଳଦୀପ ନାୟକ, ସୁରେଶ ପ୍ରଧାନ, ଅଚିନ୍ତନ ଚୌଧୁରୀ, ବିଜୟ ସାହୁ ପ୍ରଦୀପ ନାୟକ, ଅସିତ ସାହୁ, ପୁଷ୍ପ ବେହେରା, ସୁଶୋଭନ ନାୟକ, ବବିତା ବେହେରା, ସଞ୍ଜୟ ମଳିକ, ଆଲୋକ ଦାସ, ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ରକ୍ତଦାନ ଶିବିର; ୫୨ ୟୁନିଟ୍ ସଂଗୃହୀତ

ଗରଦପୁର, ୮।୨(ସମିସ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ରୀୟ ରେଡକ୍ରସ ସଂସ୍ଥା କଟକ ସହାୟତାରେ ସ୍ୱର୍ଗତ ଘନଶ୍ୟାମ ଲେଙ୍କାଙ୍କ ଉଦ୍ଦେଶ୍ୟରେ ଗରଦପୁର ବ୍ଲକ ଲଛମନଜୀୟୁ ମହାପୁରୁଷ ପୀଠ ଚାଞ୍ଚୋଳଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପ୍ରସିଦ୍ଧ ଆନ୍ତର୍ଜାତିକ ବାସ୍ତୁଶାସ୍ତ୍ରୀ ଡ଼ଃ ମନୋଜ କୁମାର ଲେଙ୍କାଙ୍କ ସଂଯୋଜନାରେ ଏହି ଶିବିରକୁ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବଂଶୀଧର ସାମଲ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ରାଉତ, ପ୍ରାକ୍ତନ ଶିକ୍ଷକ ମଦନମୋହନ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ସାମ୍ବାଦିକ ସୁବାସ ସାମଲ, ସମାଜସେବୀ ଲେଲିନ କୁମାର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି ଅଭିହିତ କରିଥିଲେ।ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ରେଡକ୍ରସ ସଂସ୍ଥାର ଡ଼ କିଶୋର ବେହେରା, ବୈଷୟିକ ସହାୟକ ରଞ୍ଜନ କୁମାର ଦାସ, ସଂଯୋଜକ ଅବିନାଶ ଦାସ, ଲାବ୍ରୋଟାରୀ ସହାୟକ ପ୍ରଶନ୍ନ ସ୍ୱାଇଁ, ପ୍ରଶାନ୍ତ ବାରିକ୍, କୀର୍ତ୍ତନ ତନ୍ତୀ ଓ ପ୍ରକାଶ ମଲ୍ଲିକ ପ୍ରମୁଖ ସହଯୋଗ କରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ହରେକୃଷ୍ଣ ସାହୁ, ଅଶୋକ ଜେନା, ଦେପେଶ ରାଉତ, ପ୍ରତାପ ସାହୁ, କିଶୋର ନାୟକ, ରଶ୍ମୀକାନ୍ତ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଦିପକ ପରିଡ଼ା, ସୌଭାଗ୍ୟ ସ୍ୱାଇଁ, ରତ୍ନାକର ରାଉତ, ରଶ୍ମୀରଞ୍ଜନ ଜେନା, ସୀତାରାମ ରାଉତ, ସନ୍ତୋଷ ଦାସ ଓ ପ୍ରଦୀପ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା, ୮।୨(ସମିସ): ରାଜ୍ୟ ଭିନ୍ନକ୍ଷମ କମିସନର ବ୍ରତତୀ ହରିଚନ୍ଦନଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ ଶେଷ ହୋଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ଥଇଥାନ ପାଇଁ ଉତ୍ସର୍ଗିକୃତ ଅନୁଷ୍ଠାନ 'ପୁନର୍ବାସ'ର ଥେରାପି କେନ୍ଦ୍ର ସେ ପରିଦର୍ଶନ କରିଥିଲେ। ଥେରାପି ସେବା ସମ୍ପର୍କରେ ପଚାରି ବୁଝିବା ସହ ଭିନ୍ନକ୍ଷମମାନଙ୍କ ସହ କିଛି ସମୟ କାଟିଥିଲେ। ସ୍ଥାନୀୟ ଅମର ଉଦ୍ୟାନଠାରେ ପୁନର୍ବାସ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଭିନ୍ନକ୍ଷମ ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କ ସମ୍ମୁଖରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡକ୍ଟର ବିରଜା ରାଉତରାୟ ଉପସ୍ଥିତ ଥିଲେ। ଏହା ପରେ ଭିନ୍ନକ୍ଷମ ଆୟୁକ୍ତଙ୍କ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଥିଲା। ମୋଟ୍ ୧୭ଗୋଟି ଅଭିଯୋଗର ଆଜି ଶୁଣାଣି ହୋଇଥିଲା।

## ବଡ଼ଗାଁ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା, ୮।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଜମଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ, ଗ୍ରାମବାସୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ସହଯୋଗରେ ସମାପନ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ତପନ କୁମାର ସିଂହ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଓଷ୍ଟା ସଭାପତି ଅନନ୍ତ ଚରଣ ପରିଡ଼ା, ସିଆରସିସି କ୍ଲଷ୍ଟର ରତ୍ନାକର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ଓ ଜମଧର ଗ୍ରାମପଞ୍ଚାୟତ ସରପଞ୍ଚ ରାଜକିଶୋର ଖୁଣ୍ଟିଆ ଉକ୍ତ ସଭାରେ ଉପସ୍ଥିତ ଥିଲେ। 'ମୋ ସ୍କୁଲ ଅଭିଯାନ'ର ସଭାପତି ଗଜେନ୍ଦ୍ର କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରାକ୍ତନ ତଥା ବର୍ତ୍ତମାନର ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ନିରୋଦ କୁମାର ବାରିକ, ରମେଶ ଚନ୍ଦ୍ର ପତି, ଦିଲ୍ଲୀପ ନାୟକ, ଦିବାକର ବେହେରା, ଶିବ ପ୍ରସାଦ ବେହେରା, ବିଶ୍ୱଜିତ୍ ମହାନ୍ତି, ସୁଧିର ଜେନା, ଜଗନ୍ନାଥ ନାୟକ, ନାରାୟଣ ପ୍ରଧାନ, ଜିତେନ୍ଦ୍ର କୁମାର ମହାନ୍ତି, ନରେନ୍ଦ୍ର କୁମାର ମହାନ୍ତି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଥିଲା। ଶେଷରେ ନିରୋଦ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନରସିଂହପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, ୮।୨ (ସମିସ):




ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗଠାରେ ଆଜି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଫଳ ରୁପାୟନ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ଅଧ୍ୟକ୍ଷତା କରି ନରସିଂହପୁର ପଞ୍ଚାୟତ ଅଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଥିବା ବିଭିନ୍ନ ପ୍ରକଳ୍ପ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଉପକୃତ ହିତାଧିକାରୀ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସାହାୟତା ଯୋଜନା, କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତା, ମିଶନ ଶକ୍ତି ମାଧ୍ୟମରେ ମହିଳା ଗୋଷ୍ଠୀମାନଙ୍କୁ ବିନା ସୁଧରେ ଋଣ, ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ କାର୍ଡ଼ ବଣ୍ଟନ, ମମତା ଯୋଜନା, ଆମ ବ୍ୟାଙ୍କ ଓ ଚଳିତ ମାସରେ ପଞ୍ଚା।ୟତରେ କାର୍ଯ୍ୟକାରୀ ହେବାକୁଥିବା ଲକ୍ଷ୍ମୀ ବସ୍ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପାଟକୁରା ନିର୍ବାଚନ ମଣ୍ଡଳୀରେ ଶିକ୍ଷାର ବିକାଶ ପାଇଁ ୫-ଟି ଯୋଜନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ରୁପାନ୍ତରିକରଣ, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ଗମନାଗମନର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ଏକ ଐତିହାସିକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଡେରାବିଶ ବ୍ଲକର ପ୍ରତ୍ୟେକ ପଞ୍ଚା।ୟତକୁ ୫୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ସହ ୨୬ ଗୋଟି ପଞ୍ଚା।ୟତରେ ସମୁଦାୟ ୧୩ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମହିଳାଙ୍କୁ ସଶକ୍ତକରଣ କରିବା ପାଇଁ ମିଶନଶକ୍ତି ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ମିଶନଶକ୍ତି ଗୃହ ନିର୍ମାଣ ଓ ପଞ୍ଚାୟତରେ ଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯିବା ଉପରେ ଉଲ୍ଲେଖ କରିଥିଲେ। ଏହାର ସଫଳ ରୁପାୟନ କିଭଳି ଅଧିକ ହୋଇପାରିବ ସେ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ଦାସରଥି ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ, ତହସିଲ ଓ ଜିଲ୍ଲା ସଦର ମହକୁମାକୁ ଲୋକମାନେ କିପରି ସୁବିଧାରେ ଯାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଲକ୍ଷ୍ମୀ ବସ ଯୋଜନା ଚଳିତ ୧୫ ତାରିଖରେ ଶୁଭାରମ୍ଭ ହେବ ବୋଲି କହିଥିଲେ। ପୂର୍ବତନ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ସମିତିସଭ୍ୟ ଅନନ୍ତ କିଶୋର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ତିଳୋତ୍ତମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ନିରାକାର ମହାରଣାଙ୍କ ଦ୍ୱାରା ବିଭିନ୍ନ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଏମ୍‌ବିକେ, ସମସ୍ତ ସିଆରପିଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଆରଏସ୍ ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ଦାଶ, ବାପିନ ସାହୁ, ପ୍ରଶାନ୍ତ ରାଉତ ଓ ସମସ୍ତ ୱାର୍ଡ଼ସଭ୍ୟ ସଭ୍ୟା ପରିଚାଳନା କରିଥିଲେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜଗତସିଂହପୁର ଗସ୍ତ

# 'ଲୋକଙ୍କ ପାଇଁ କାମ କରିବା ବେଳେ ସେମାନଙ୍କ ବିଶ୍ୱାସଭାଜନ ହୁଅ'

**ଜଗତସିଂହପୁର, ୮ ।୨(ସମିସ)**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ ରାଜସ୍ୱ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଲୋକଙ୍କ ପାଇଁ କାମ କରିବା ବେଳେ ସେମାନଙ୍କ ବିଶ୍ୱାସ ଭାଜନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତଙ୍କୁ ସର୍ବଦା ଚାପମୁକ୍ତ ହୋଇ କାର୍ଯ୍ୟ କରିବାର ଉପଦେଶ ଦେଇଥିଲେ ଶ୍ରୀ ଦାସ। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଏଯାବତ ମିଳିଥିବା ସମସ୍ତ କାର୍ଯ୍ୟାଦେଶ ଓ ହୋଇନଥିବା କାର୍ଯ୍ୟାଦେଶ ଗୁଡିକର କାର୍ଯ୍ୟାଦେଶ ପ୍ରଦାନ କରି କାମ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏଥି ସହିତ ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ବିଭିନ୍ନ ବିଭାଗର କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ବ୍ଲକର ବି ଡି ଓ, ତହସିଲଦାର, ଦୁଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ପରିବହନ, ଅବକାରୀ ବିଭାଗ, ଜଳସେଚନ, ରାସ୍ତା ଓ କୋଠାବାଡି ଆଦି ବିଭାଗୀୟ ଅଧିକାରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରି ତାହାର କାର୍ଯ୍ୟକାରିତା ଓ ସମ୍ପୂର୍ଣ୍ଣତା ବିଷୟରେ ଆଲୋଚନା କରିଥିଲେ। ମ୍ୟୁନିସିପାଲିଟିଗୁଡିକରେ ନୂତନ ଏବଂ ଇନୋଭେଟିଭ୍ ଉପାୟରେ ଉନ୍ନତିକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅବକାରୀ ବିଭାଗର ସମୀକ୍ଷା ବେଳେ ପୁଲିସ ଓ ପ୍ରଶାସନ ର



ଏକ ସମନ୍ୱୟ କମିଟି ବୈଠକ ଆୟୋଜନ କରି ଏନଫୋର୍ସମେଣ୍ଟ ବଢ଼ାଇବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ। ଏହି ବୈଠକରେ ଜିଲ୍ଲା ସଦର ମହକୁମା ହସ୍ପିଟାଲ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ମୋ ଘର, ଅମୃତ ସରୋବର, ଆମ ଓଡ଼ିଶା ନବୀନ ଓଡ଼ିଶା, ବସ୍ ଷ୍ଟାଣ୍ଡ, ଲକ୍ଷ୍ମୀ ବସ୍ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମିଶନ ଶକ୍ତି, ଅଙ୍ଗନବାଡି କେନ୍ଦ୍ର, ଭିନ୍ନକ୍ଷମଙ୍କ ସହାୟତା ଆଦି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଆଗାମୀ ସମୟରେ ନିଜକୁ ସଜାଗ ଓ ସତର୍କ ରହି ସ୍ୱଚ୍ଛ ଭାବେ କାର୍ଯ୍ୟ ସମ୍ପାଦନ କରିବାପାଇଁ ଶ୍ରୀ ଦାସ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜସ୍ୱ ବିଭାଗର ଏନକ୍ରୋଚମେଣ୍ଟ କେଶ, ମ୍ୟୁଟେସନ କେଶ, ସାର୍ଟିଫିକେଟ କେଶ, କନଭର୍ସନ କେଶ, ସରକାରୀ ଜମି ସୁରକ୍ଷା, ସିକ୍କିମ ପଟ୍ଟା ଫଇସଲା ସମ୍ପର୍କରେ ସମୀକ୍ଷା କରିଥିଲେ।ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନୀତା ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।ପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ଉପ ନିବନ୍ଧକ କାର୍ଯ୍ୟାଳୟ, ଜଗତସିଂହପୁର ଥାନା, ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ସିଂଘାରପୁର ଗ୍ରାମ ପଞ୍ଚାୟତର ମିନିଷ୍ଟାଡ଼ିଅମ ଓ ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ।

## ଏନ୍‌ଓସି ଫାଉଣ୍ଡେସନ ପକ୍ଷରୁ ଗରିବ ବସ୍ତିବାସିନ୍ଦାଙ୍କୁ କମ୍ବଳ ବଣ୍ଟନ




**ପାରାଦୀପ, ୮ ।୨ (ସମିସ):** ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏନଓସି ଫାଉଣ୍ଡେସନ ପକ୍ଷରୁ ପାରାଦୀପର ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିବା ଗରିବ ଲୋକଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ କରାଯାଇଛି। ଫାଉଣ୍ଡେସନ ର ସଭାନେତ୍ରୀ ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ବିଏନକେ ସିକ୍ୟୁରିଟି ସଂସ୍ଥାର ସହଯୋଗରେ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର କାର୍ଯ୍ୟକର୍ତ୍ତାଙ୍କ ସମେତ ସଦସ୍ୟାମାନେ ଉପସ୍ଥିତ ରହି ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଗରିବ ଲୋକଙ୍କୁ ଏହି କମ୍ବଳ ପ୍ରଦାନ କରିଥିଲେ। ଏଭଳି ଜନ ହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବସନ୍ତ ମହାନ୍ତିଙ୍କ ପରଲୋକ



**ତିର୍ତ୍ତୋଲ, ୮।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂ ପଞ୍ଚାୟତ ହରିସିଂପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ବସନ୍ତ କୁମାର ମହାନ୍ତି(୮୬)ଙ୍କ ସୋମବାର ରାତ୍ରରେ ପରଲୋକ ହୋଇଯାଇଛି। ସେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ସ୍ୱର୍ଗତ ନିଶାମଣୀ ଖୁଣ୍ଟିଆଙ୍କ ଭଣଜା ଓ ମୁଳିସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶରତ ଚନ୍ଦ୍ର ମହାନ୍ତିଙ୍କ ସାନ ଭାଇ ଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ମୁଳିସିଂ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦୁର୍ଘଟଣାରେ କଳାକାର ମୃତ

**ବାଲିକୁଦା, ୮ ।୨(ସମିସ):** ରାସ୍ତା ଦୁର୍ଘଟଣାରେ ଜଣେ ବୃଦ୍ଧ କଳାକାରଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ବରମୁଣ୍ଡଳୀ ପଞ୍ଚାୟତ ପତରପଡ଼ା ବଘେଇପୁର ଗ୍ରାମକୁ ଘୋଡ଼ା ନାଚ ଓ ସଂକୀର୍ତ୍ତନ କରିବାକୁ ଏକ ଡାଲା ଅଟୋରେ ୫ଜଣ କଳାକାର ଯାଉଥିବା ବେଳେ ପତରପଡ଼ା ବଘେଇପୁର ରସ୍ତାରେ ଅଟୋ ଡ୍ରାଇଭର ଭାରସ୍ୟାମ ହରାଇବାରୁ ଗାଡିଟି ରାସ୍ତା କଡ଼କୁ ଓଲଟି ଯାଇଥିଲା। ଫଳରେ ଡାଲା ମଧ୍ୟରେ ବସିଥିବା ୫ଜଣ ମଧ୍ୟରୁ ଜଣେ ଚାଙ୍ଗୁ ବାଦକ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ଗ୍ରାମର ଇନ୍ଦିରା ଗୋଛାୟତ(୭୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ପାଖରେ ବସିଥିବା ଗାୟକଙ୍କ ସମେତ ଡାଲାରେ ଥିବା ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କ ମଧ୍ୟରେ ଢୋଲ ବାଦକ ବାବାଜୀ ଗୋଛାୟତ, ବାବାଜୀ ଦଳାଇ, କରୁଣାକର ବେହେରା, ମହେଶ୍ୱର ବେହେରା ସମସ୍ତେ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ମୃତ ଇନ୍ଦିରାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ପଠାଯାଇଥିବା ଜଣାଯାଇଛି।ଘଟଣା ସ୍ଥଳରେ ଜିଲ୍ଲା ପରିଷଦ ତଟିନୀ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ସେନାପତି, ପୂର୍ବତନ ସମିତି ସଭ୍ୟ ରାଜୁ ମିଶ୍ର, ସମିତି ସଭ୍ୟ ପ୍ରତିନିଧି ମିଟୁ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଅନନ୍ତପୁର ଫାଣ୍ଡିକୁ ଜଣାଇଥିଲେ। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ମୃତକଙ୍କୁ ବାଲିକୁଦା ମେଡିକାଲ ପଠାଇବା ସହ ଆହତମାନଙ୍କୁ ପ୍ରଥମେ ଦଶବାଟିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ମେଡିକାଲ ପଠାଯାଇଥିଲେ।

## ଭିନ୍ନକ୍ଷମଙ୍କୁ ଆବାସ ଦାବି



**ଏରସମା, ୮।୨(ସମିସ):** ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ପୋଖରୀଆପଡ଼ା ଗ୍ରାମର ଭିନ୍ନକ୍ଷମ ସନ୍ତୋଷ ବାରିକ(୫୫)। ଶତ ପ୍ରତିଶତ ଭିନ୍ନକ୍ଷମ। ଦୁଇଟିଯାକ ଆଖି ଅନ୍ଧ। ମହାବାତ୍ୟା ପରବର୍ତ୍ତୀ ସମୟରେ ତାଙ୍କ ପିତା ସ୍ୱର୍ଗତ ଉପେନ୍ଦ୍ର ବାରିକଙ୍କ ନାମରେ ମିଳିଥିଲା ୨୨ ହଜାର ଟଙ୍କାର ଇନ୍ଦିରା ଆବାସ।ଇତିମଧ୍ୟରେ ୨୪ ବର୍ଷ ବିତିଲାଣି। ମରାମତି ଅଭାବରୁ ସେହି ବଖୁରିକିଆ ଘରର ଅବସ୍ଥା ଶୋଚନୀୟ।ଛାତରୁ ପାଣି ଗଳୁଛି, କାନ୍ଥ ଫାଟି ଗଲାଣି, କବାଟ ଝରକା ଭାଙ୍ଗି ଗଲାଣି।ସେହି ପରିତ୍ୟକ୍ତ ଘରେ ଦୀର୍ଘ ଦିନଧରି ବାସ କରୁଛନ୍ତି ପୋଖରୀଆପଡ଼ା ଗ୍ରାମର ଭିନ୍ନକ୍ଷମ ସନ୍ତୋଷ ବାରିକ(୫୫)ଓ ତାଙ୍କ ପତ୍ନୀ ଆଳତୀ ବାରିକ (୫୨)।ତେବେ ଗତ ୨୦୨୩ ମାର୍ଚ୍ଚ ୨୭ ତାରିଖରେ ଏରସମା ବ୍ଲକର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ପାଇଁ ଗୁହାରୀ କରିଥିଲେ।ଏରସମା ବିଡ଼ିଓ ଏ ସମ୍ପର୍କରେ ତଦନ୍ତକରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା।ମାତ୍ର ଇତିମଧ୍ୟରେ ଦୀର୍ଘ ଏକ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏ ସମ୍ପର୍କିତ ତଦନ୍ତ ନାହିଁ କି ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଉନାହିଁ ବୋଲି ସନ୍ତୋଷ କ୍ଷୋଭର ସହିତ ପ୍ରକାଶ କରିଛନ୍ତି।

## ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଏରସମା, ୮।୨(ସମିସ):** ଏରସମା ବ୍ଲକ ଅନ୍ତର୍ଗତ ସରବାଠାରେ ଏରସମା ବ୍ଲକର ୨୫ ପଞ୍ଚାୟତ କୁ ନେଇ ଆୟୋଜିତ ପଞ୍ଚାୟତ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏରସମା ବ୍ଲକର ୨୫ଟି ପଞ୍ଚାୟତର କ୍ରିକେଟ୍ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ଗୋଡା ପଞ୍ଚାୟତ କ୍ରିକେଟ୍ ଟିମ୍ ପଲ୍ଲିକଣ୍ଡା ପଞ୍ଚାୟତ କ୍ରିକେଟ ଟିମକୁ ୭ ଉଇକେଟ୍ ରେ ହରାଇ ଚମ୍ପିୟାନ ହେଇଥିଲା। ଯୁବ ନେତା ସତ୍ୟ ସାରଥି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଦଳକୁ ଟ୍ରଫି ସହ ୧୫, ୦୦୦ ଟଙ୍କା ଓ ଫାଇନାଲ ରେ ପରାଜିତ ଦଳକୁ ଟ୍ରଫି ସହ ୧୦, ୦୦୦ ଟଙ୍କା ପ୍ରଦାନ କରିଥିଲେ। ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଜିଲ୍ଲା ବିଜେପି କୋଷାଧକ୍ଷ ନିଳୁପ୍ତ ଜେନା, ଏରସମା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଅମେରେନ୍ଦ୍ର ଦଲାଇ, ଓବିସି ମୋର୍ଚ୍ଚା ଜିଲ୍ଲା ଉପ ସଭାପତି ସଞ୍ଜୟ ପରିଡ଼ା, ବାଲିକୁଦା ମଣ୍ଡଳ ସଭାପତି ଦିଲ୍ଲୀପ ରାଉଳ, କ୍ଷେତ୍ର ମୋହନ, ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଏହି ଉଦଯାପନ ଉତ୍ସବରେ ଯୋଗଦେଇଥିଲେ। ଗୋଡ଼ା ପଞ୍ଚାୟତ କ୍ରିକେଟ୍ ଟିମ୍ ର ରାଜାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ତ୍ରିଲୋଚନଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚନା କରାଯାଇଥିଲା।

## ମା ଉମାଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଭାରିଷୋଳ ଚାମ୍ପିଅନ



**ତିର୍ତ୍ତୋଲ, ୮।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ରଙ୍କେଇ ଗ୍ରାମ ପଡ଼ିଆଠାରେ ଅନୁଷ୍ଠିତ ମା ଉମାଦେବୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରିଷୋଳ ଟିମ ଜଗନ୍ନାଥପୁର ଟିମକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ସମୁଦାୟ ୮ଟି ଟିମ ଏଥିରେ ଅଂଶ ଗ୍ରହଣ କରିଥିବାବେଳେ ମୁଖ୍ୟ ଅତିଥି ସମାଜସେବୀ ଶାରଦା ଚନ୍ଦ୍ର ଖଟୁଆ ଓ ଅର୍ନ୍ତଯାମୀ ଖଟୁଆ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି କ୍ରୀଡାବିତ କୈଳାସ ଚନ୍ଦ୍ର ନାୟକ, ସମୀର ମହାନ୍ତି, ମାନସ ବେହେରା ପ୍ରମୁଖ ଯୋଗଦେଇ ବିଜେତା ଦଳ ଭାରିଷୋଳ ଟିମକୁ ପୁରସ୍କାର ଅର୍ଥ ରାଶି ସହ ଚମ୍ପିୟାନ ଟ୍ରଫି ଓ ରନର୍ସ ଅପ ଜଗନ୍ନାଥପୁର ଟିମକୁ ପୁରସ୍କାର ଅର୍ଥ ରାଶି ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଭାରିଷୋଳ ଟିମର ପ୍ରଭାତ କୁମାର ପରିଡ଼ା ଫାଇନାଲ ମ୍ୟାଚ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ପବିତ୍ର ମୋହନ ଖଟୁଆ ଓ ଗଣେଷ ଖଟୁଆ ଖେଳକୁ ପରିଚାଳନା କରିଥିଲେ। ମା ଉମାଦେବୀ କ୍ରିକେଟ କ୍ଲବର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ



**ଜଗତସିଂହପୁର, ୮।୨ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତ ପକ୍ଷରୁ ଆୟୋଜିତ ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମସ୍ତ ସରକାରୀ, ବେସରକାରୀ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଶିଶୁ ସୁରକ୍ଷା ଅନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ୧ରୁ ୧୯ ବର୍ଷ ବୟସର ଶିଶୁ, କିଶୋର ଏବଂ ୨୦ ରୁ ୨୪ ବର୍ଷ ବୟସ୍କ ମହିଳା ମାନଙ୍କୁ କୃମି ନାଶକ ବଟିକା ଏବଂ ଶିରପ ପ୍ରଦାନ କରାଯିବ। ଚଳିତ ଫେବୃଆରୀ ମାସରେ ୧୦ ତାରିଖ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ଓ ଏହାର ମପ ଆପ ରାଉଣ୍ଡ ୧୭ ତାରିଖରେ ଅନୁଷ୍ଠିତ ହେବ। ଯାହା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଏବଂ ବିଦ୍ୟାଳୟ ମାନଙ୍କରେ ଦିଆଯିବ। ସମୂହ ଭାବେ ଏହି ଦିନ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ବଟିକା ଓ ଶିରପ ଦିଆଯିବ। ଜିଲ୍ଲାର ସରକାରୀ ବିଦ୍ୟାଳୟର ୧୧୬୧୩୧, ବେସରକାରୀ ବିଦ୍ୟାଳୟର ୪୪୦୪୪, ଅଙ୍ଗନବାଡି କେନ୍ଦ୍ର ର ୫୬୪୬୭ ଜଣ ପିଲା ଏବଂ ୨୦ରୁ ୨୪ ବର୍ଷ ବୟସ୍କ ୧୯୮୦୭ ଜଣ ପ୍ରଜନନ କ୍ଷମ ମହିଳାଙ୍କୁ ଏହି ଅଭିଯାନ ରେ କୃମି ନାଶକ ଔଷଧ ଦିଆଯିବ।ଜିଲ୍ଲାପାଳ ଶ୍ରୀମତୀ ପଟାଓ଼ରି ଏହି ସଭାରେ ସମସ୍ତ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କୃମି ନିରାକରଣ ଦିଗରେ ସହଯୋଗ କରିବା ପାଇଁ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଏହି ବଟିକାର ବିଶେଷ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ପ୍ରମୋଦ କୁମାର ବାରିକ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ପ୍ରୋଗ୍ରାମ ଅଫିସର ଅଂଶୁପା ସାହୁ, ସହକାରୀ ପରିଚାଳିକା ସୋନିଆ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ଗାନ୍ଧୀବାଦୀ ଡ. ଭଗବାନ ପ୍ରକାଶଙ୍କୁ ଅଳକା ଆଶ୍ରମ ସେବା ସମ୍ମାନ



**ଜଗତସିଂହପୁର, ୮ ।୨(ସମିସ):** ସ୍ୱାଧୀନତା ସଂଗ୍ରାମୀଙ୍କ ଅନୁଡିଶାଳ ଅଳକା ଆଶ୍ରମର ୧୦୨ ତମ ପ୍ରତିଷ୍ଠା ଦିବସ ଆସନ୍ତା ୧୪ ତାରିଖ ଶ୍ରୀପଞ୍ଚମୀ ଅବସରରେ ପାଳନ ହେବ। ବିଶିଷ୍ଟ ଗାନ୍ଧୀବାଦୀ ଡ. ଭଗବାନ ପ୍ରକାଶଙ୍କୁ ଅଳକା ଆଶ୍ରମ ସେବା ସମ୍ମାନ -୨୦୨୪ ପ୍ରଦାନ କରାଯିବ। ଗାନ୍ଧୀବାଦକୁ ଓଡ଼ିଶାର ପୁରପଲ୍ଲୀରେ ପ୍ରସାର କରିବା ସହିତ ସ୍ୱାଧୀନତା ସଂଗ୍ରାମକୁ ବ୍ୟାପକ କରିବା ଓ ଯୁବପିଢ଼ିକୁ ରାଷ୍ଟ୍ରଗଠନରେ ଭାଗୀଦାରୀ କରିବା ଉଦ୍ଦେଶ୍ୟରେ ୧୯୨୨ ମସିହା ସରସ୍ୱତୀ ପୂଜା ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ର ଓ ଗୋପବନ୍ଧୁ ଚୌଧୁରୀଙ୍କ ଆବାହକତ୍ୱରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କରକମଳରେ ଏହି ପବିତ୍ର ଅନୁଷ୍ଠାନ ଉଦ୍‌ଘାଟିତ ହୋଇଥିଲା।ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ସମଗ୍ର ଓଡ଼ିଶାରେ ବିଶେଷ ଭୂମିକା ଗ୍ରହଣ କରିଥିଲା। ତେବେ ଏହି ଐତିହାସିକ ଅନୁଷ୍ଠାନକୁ ୧୯୩୨ ମସିହାରେ ପୋଡି ଭସ୍ମୀଭୂତ କରିଦିଆଯାଇଥିଲା। ଜଗତସିଂହପୁର ଜିଲ୍ଲାର ସାଧାରଣ ଜନତାଙ୍କ ସମର୍ପିତ ପ୍ରୟାସ ଓ ଜିଲ୍ଲା ପ୍ରଶାସନ ସହାୟତାରେ ଗତବର୍ଷ ଏହାର ବର୍ଷବ୍ୟାପୀ ଶତବାର୍ଷିକ ପାଳନ କରାଯିବା ସହିତ ଏହାର ପୁନରୁଦ୍ଧାର କରାଯାଇଥିଲା।ଚଳିତ ବର୍ଷ ଏହାର ୧୦୨ ତମ ପ୍ରତିଷ୍ଠା ଦିବସ ଅବସରରେ ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବା ପାଇଁ ପ୍ରଥମ ଜଗତସିଂହପୁର ଯୁବ ସଂଗୋଷ୍ଠୀ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅନେକ ଯୁବକ ଯୁବତୀ ଯୋଗଦେବା ପାଇଁ ନିଜକୁ ପଞ୍ଜୀକୃତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ସମଗ୍ର ଭାରତ ବର୍ଷରେ ନିଜର ଉଚ୍ଚ ବୌଦ୍ଧିକ ଚିନ୍ତା ଚେତନା ଓ କାର୍ଯ୍ୟକ୍ରମ ପାଇଁ ପ୍ରସିଦ୍ଧ ବିଶିଷ୍ଟ ଗାନ୍ଧୀବାଦୀ ଡ. ଭଗବାନ ପ୍ରକାଶଙ୍କୁ ଅଳକା ଆଶ୍ରମ ସେବା ସମ୍ମାନ ପ୍ରଦାନ କରାଯିବ। ସେହି ପରି ପ୍ରଶାସନିକ କ୍ଷେତ୍ରରେ ସମର୍ପିତ ଅବଦାନ ପାଇଁ ଡ. ଅଶୋକ କୁମାର କର୍ଣ୍ଣଙ୍କୁ ଦ୍ୱିତୀୟ ଅଳକା ଆଶ୍ରମ ଯୁବ ସେବା ସମ୍ମାନ ପ୍ରଦାନ କରାଯିବ ବୋଲି ଅଳକା ଆଶ୍ରମ ପରିଚାଳନା କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଏହି ସମ୍ମାନ ଶତବାର୍ଷିକୀ ସମୟରେ ବିଶିଷ୍ଟ ଗାନ୍ଧୀ ଅନୁଗାମୀ ସ୍ୱର୍ଗତ ପଦ୍ମଭୂଷଣ ଡ. ବିନ୍ଦେଶ୍ୱର ପାଠକଙ୍କୁ ପ୍ରଦାନ କରାଯାଇଥିଲା।

## ପିପ୍ପଳମାଧବ ଓ ତେନ୍ତୁଳିପଦାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ତିର୍ତ୍ତୋଲ/ମଣିଜଙ୍ଗା, ୮।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତ ଦିଘିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଏବିଡିଓ ସତ୍ୟଜିତ ସ୍ୱାଇଁ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ସମିତି ସଭ୍ୟା ସୁନିର୍ଣ୍ଣିତା ରାଉତ, ଜିପିଓ ବିଶ୍ୱଜିତ ମହାପାତ୍ର, ପିଇଓ ଲତିକା ମଞ୍ଜରୀ ରାଉତ, ନାଏବ ସରପଞ୍ଚପ୍ରତିମା ସେଠୀ, ଏମବିକେ ଉର୍ମିଳା ଦାସ, ସିଆରସିସି ବସନ୍ତ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସ୍ମୃତିରଞ୍ଜନ ନାୟକ, କୃପାସିନ୍ଧୁ ସାହୁ, ଜଗଦୀଶ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସନ୍ତୋଷ ନାୟକ, ସୁକାନ୍ତ କୁମାର ଦାସ, ପ୍ରଦୀପ୍ତ ନାୟକ, ତପନ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାଲା ମାଧ୍ୟମରେ ରାଜ୍ୟସରକାରଙ୍କ ଲକ୍ଷ୍ମୀବସ, ମମତା, ବିଦ୍ୟାଳୟ ରୁପାନ୍ତରିତ, ବିଜୁ ସ୍ୱାସ୍ଥ୍ୟ କାର୍ଡ ସମେତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରତିଭାଧର ବ୍ୟକ୍ତି ବିଶେଷ ଡ. ଉତ୍ତମ ଚରଣ ନାୟକ, ପ୍ରଭୁ ଆଚାର୍ଯ୍ୟ, ଅକ୍ଷୟ ନାୟକ, ବ୍ରଜକିଶୋର ନାୟକ ଏବଂ କୃତିଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି ତେନ୍ତୁଳିପଦା ପଞ୍ଚାୟତରେ ସରପଞ୍ଚ ସରୋଜିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।




## ପାଚେରି ନିର୍ମାଣକୁ ବିରୋଧ କରି ଗ୍ରାମବାସୀଙ୍କ ଧାରଣା

**ବାଲିକୁଦା, ୮।୨(ସମିସ)**

ବାଲିକୁଦା ବ୍ଲକ ଇଛାପୁର ପଞ୍ଚାୟତ ବାଖରାବାଦ ଗ୍ରାମରେ ଥିବା ଗୋଚର ଜମିରେ ଇଡ଼କୋ କମ୍ପାନୀ ପକ୍ଷରୁ ଏକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।ଏହି ନିର୍ମାଣ କାର୍ଯ୍ୟର ପାଚେରି ଯେଉଁଠାରେ ନିର୍ମାଣ ହେଉଛି ତାହାକୁ ବିରୋଧ କରି ଗ୍ରାମବାସୀ ମାନେ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ।ଏହି ପାଚେରି ନିର୍ମାଣ ପୂର୍ବରୁ କମ୍ପାନୀ ପକ୍ଷରୁ ଡିଅଉପରଠାରୁ ୧୩ ନଂ କେନାଲ ବନ୍ଧ ପର୍ଯ୍ୟନ୍ତ ୧୫ ଫୁଟ ଚଉଡା ବିଶିଷ୍ଟ ରାସ୍ତା ନିର୍ମାଣ ଶେଷ କରିବ ବୋଲି ତହସିଲଦାର ଗ୍ରାମବାସୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଥିରେ ବ୍ୟତିକ୍ରମ ଘଟାଇ କମ୍ପାନୀ ପ୍ରଥମେ ପାଚେରି ନିର୍ମାଣ କରିଥିବା କାରଣରୁ ଏହା ଗ୍ରାମବାସୀଙ୍କ ଅସନ୍ତୋଷର କାରଣ ପାଲଟିଛି। ଯେଉଁଥିପାଇଁ ସେମାନେ କାର୍ଯ୍ୟ ବନ୍ଦ ରଖି ଧାରଣା ଦେଇଥିଲେ।ଖବର ପାଇ ବାଲିକୁଦା ପୁଲିସର ଏକ୍ ଟିମ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।ଏହି କାର୍ଯ୍ୟ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଗ୍ରାମବାସୀ ମାନେ ଧାରଣାରୁ ଓହରି ଆସିଥିଲେ। ସୂଚନା ଅନୁଯାୟୀ କମ୍ପାନୀର ପ୍ରକଳ୍ପ ନିର୍ମାଣ ପାଇଁ ବାଲିକୁଦା ତହସିଲ ପ୍ରଶାସନ ପକ୍ଷରୁ ଗୋଚର ଜମି ସମେତ ଶ୍ମଶାନ ଜମି ମଧ୍ୟ ଯୋଗାଇ ଦିଆଯାଇଥିଲା। ଯାହାକୁ ଗ୍ରାମବାସୀ ନିତ୍ୟ ବ୍ୟବହାର କରୁଥିବା ବେଳେ ଦଳିତ ପରିବାର ଲୋକେ ଉକ୍ତ ଶ୍ମଶାନରେ ଶବ ଦାହ କରୁଥିଲେ। ପ୍ରକଳ୍ପ ନିର୍ମାଣ ଫଳରେ ଗୋ ଚାରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିବା ବେଳେ ଶବ ସତ୍କାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି।ଏହାକୁ ବିରୋଧ କରି ଗ୍ରାମବାସୀ ପୂର୍ବରୁ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ।ରାସ୍ତା ନିର୍ମାଣ ସର୍ତ୍ତରେ ପୂର୍ବତନ ତହସିଲଦାର ଅଂଶୁମାନ ଶତପଥୀଙ୍କ ପ୍ରତିଶ୍ରୁତି ପାଇ ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପ୍ରତାରଣାରେ ପାଲଟିବାରୁ ଗ୍ରାମର ବନମାଳୀ ବେହେରା, ଅଭିରାମ କାଣ୍ଡି, ସୁବାଷ କାଣ୍ଡି, ଶିବ ଚରଣ ରାଉତ, ଧ୍ରୁବ ଚରଣ ବାରିକ, ବିରକିଶୋର କାଣ୍ଡି, କୈଳାଶ ମହାରଣା, ଅରକ୍ଷିତ ବାରିକ, ଅଲେଖ ରାଉତ, ତପନ ରାଉତ, ଉଲ୍ଲାସ ଓଝା, ବିପ୍ଳବ କାଣ୍ଡି, ବାଦଲ ରାଉତ, ରବୀନ୍ଦ୍ର ଓଝା, କାର୍ତ୍ତିକ ଓଝା, ସୁରେନ୍ଦ୍ର ଓଝା, ନରତ୍ତମ ଓଝା ପ୍ରମୁଖ ଧାରଣା ଦେବା ସହ ୧୦ ତାରିଖ ପରେ ରାସ୍ତା ନିର୍ମାଣ ନହେଲେ ପ୍ରକଳ୍ପକୁ ଜୋରଦାର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



